# ଗଣମାଧ୍ୟମ ଓ ସାଧାରଣ ମଣିଷ

ମଞ୍ଜୁ ଦାସ

ଭକ୍ତଚରଣ ଦାସଙ୍କ ଭଳି ଜଣେ ବିଶିଷ୍ଟ କବିଙ୍କ ରଚନାବଳୀରୁ 'ମଥୁରା ମଙ୍ଗଳ' କାବ୍ୟ ଅନ୍ୟତମ । ଏଥିରୁ 'କଂସର ଚିଟାଉ'ରୁ ଉଦ୍ଧୃତ 'ଚିଟାଉ' ଶବ୍ଦଟି ଯେ ଗଣମାଧ୍ୟମର ସର୍ବପ୍ରଥମ ଆବିଷ୍କାର ଏକଥାକୁ ବୋଧହୁଏ କେହି ଅସ୍ୱୀକାର କରିପାରିବେ ନାହିଁ । ଏହିପରି ଆମ ପୁରାଣ ପୃଷ୍ଠାକୁ ଓଲଟାଇଲେ ଅନେକ ଉଦାହରଣ ଆମେ ଦେଖିବାକୁ ପାଇବା । ସେସମୟରେ ଦୂତଙ୍କ ଜରିଆରେ 'ଚିଟାଉ' ଲେଖି ସମ୍ବାଦ ପ୍ରେରଣ କରାଯାଉଥିଲା । ଏତ ଗଲା ପୁରାଣ ଯୁଗର କଥା । କ୍ରମଶଃ ସମ୍ବାଦ ପ୍ରେରଣର ଶୈଳୀ କିପରି ପରିବର୍ତ୍ତିତ ହେଲା ତାହା ଆସନ୍ତୁ ଜାଣିବା ।

ସିନ୍ଧୁ ସଭ୍ୟତା ଗଢ଼ି ଉଠିବା ପରେ ମନୁଷ୍ୟ ନଦୀକୂଳରେ ବାସ କଲା । ଜଙ୍ଗଲର ଫଳମୂଳ ଆହାର କଲା ଏବଂ ପଶୁଙ୍କ ଭଳି କଞ୍ଚାମାଂସ ଭକ୍ଷଣ କଲା । କଥାବାର୍ତ୍ତା କରିବା କ'ଣ ଜାଣି ନ ଥିବାରୁ ଠାର ମାଧ୍ୟମରେ ସେ ତା'ର ମନୋଭାବକୁ ଅନ୍ୟ ନିକଟରେ ପରିପ୍ରକାଶ କରୁଥିଲା । ଏତଦ୍‌ବ୍ୟତୀତ ଚିତ୍ରକଳା ମାଧ୍ୟମରେ ସେ କିଛି ସମ୍ବାଦ ଅନ୍ୟମାନଙ୍କୁ ଜ୍ଞାତ କରାଇବାରେ ସକ୍ଷମ ହେଲା । ଏହିପରି ଭାବରେ ଜଣଙ୍କଠାରୁ ଅନ୍ୟଜଣକ ନିକଟକୁ ସମ୍ବାଦମାନ ପ୍ରସାରିତ ହେବାରେ ଲାଗିଲା ।

ପରବର୍ତ୍ତୀ ସମୟରେ ଡେଙ୍ଗୁରା ସାହାଯ୍ୟରେ ସମ୍ବାଦ ପ୍ରେରଣ କରାଗଲା । ମନୁଷ୍ୟ ସଭ୍ୟତାର ପ୍ରଥମ ପାହାଚରେ ହସ୍ତଲିଖିତ ଜରୁରୀ ସମ୍ବାଦ ପାରାମାନଙ୍କ ଗୋଡ଼ରେ ବାନ୍ଧି ଅନେକ ଦୂରକୁ ପ୍ରସାରଣ କରିବାରେ ଅନେକେ ସକ୍ଷମ ହେଲେ । ତେଣୁ ସମ୍ବାଦକୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଏବଂ ଜଣେ ବ୍ୟକ୍ତିଠାରୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ଶୈଳୀକୁ କାର୍ଯ୍ୟକାରୀ କରାଗଲା ।

ବର୍ତ୍ତମାନ ଯୁଗ ବଦଳି ଯାଇଛି । ବିଜ୍ଞାନର ଅଗ୍ରଗତି ଫଳରେ ଗଣମାଧ୍ୟମର ସ୍ୱରୂପ ବ୍ୟାପକ ହେବାରେ ଲାଗିଛି । ଦିନେ ଆକାଶବାଣୀ ଓ ସମ୍ବାଦପତ୍ର ଏ ଦିଗରେ ବେଶ ସଫଳତା ହାସଲ କରି ଲୋକଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା । ମାତ୍ର ବର୍ତ୍ତମାନ କେବଳ ସମ୍ବାଦପତ୍ର କାହିଁକି ବିଭିନ୍ନ ପ୍ରକାର ମୁଦ୍ରିତ ପୁସ୍ତକ ଏବଂ ପତ୍ରପତ୍ରିକା ଏହାର ସ୍ଥାନ ଦଖଲ କରି ଲୋକଙ୍କ ନିକଟରେ ସମ୍ବାଦ ପହଞ୍ଚାଇବାର ପଥ ସୁଗମ କରିଛି । ସମ୍ବାଦପତ୍ରର ପ୍ରଥମ ଉତ୍ପତ୍ତିସ୍ଥଳ ହେଉଛି ଚୀନ ଦେଶ ଏବଂ ଏହାର ଚାରିଶହ ବର୍ଷ ପରେ ଇଟାଲୀର ଭେନିସ୍ ନଗରୀରେ ଏହା ଆତ୍ମପ୍ରକାଶ କରିଥିଲା । ତେଣୁ ସମ୍ବାଦପତ୍ର ଯେ ସମ୍ବାଦ ପରିବେଷଣ ପାଇଁ ଏକ ଉତ୍କୃଷ୍ଟ ମାଧ୍ୟମ ତାହାକୁ ସମସ୍ତେ ପ୍ରାୟ ସ୍ୱୀକାର କରିବେ । ଅବଶ୍ୟ ଏହାଠାରୁ ଅଧିକ ଶକ୍ତିଶାଳୀ ଏବଂ ବ୍ୟୟବହୁଳ ଗଣମାଧ୍ୟମ ରହିଛି । ତଥାପି ସମସ୍ତେ ସବୁବେଳେ ଓ ସର୍ବତ୍ର ଯେ ତାହାକୁ ଉପଯୋଗ କରିପାରିବେ, ତାହା ହୁଏତ ସମ୍ଭବପର ନୁହେଁ ଏବଂ ଏହା ହେଉଛି ବୈଦ୍ୟୁତିକ ଗଣମାଧ୍ୟମ ।

ସାଂପ୍ରତିକ ଯୁଗରେ ଗଣମାଧ୍ୟମର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଦେଶକୁ ସମୃଦ୍ଧ ଓ ବିକଶିତ କରିବାକୁ ହେଲେ ତାହା ଏହି ଗଣମାଧ୍ୟମ ଉପରେ ହିଁ ନିର୍ଭର କରେ । ତେଣୁ ଗଣମାଧ୍ୟମକୁ କେତେକ ନିୟମ ମାନି ପ୍ରଚାର ଓ ପ୍ରସାର କରିବା ଆବଶ୍ୟକ । ଯେପରି ଚାରାଟିଏ ହେବା ପୂର୍ବରୁ ମଞ୍ଜିର ଶୁଦ୍ଧତାକୁ ପରୀକ୍ଷାନିରୀକ୍ଷା କରାଯାଏ, ଠିକ୍ ସେହିପରି ସମ୍ବାଦଟିଏ ପରିବେଷଣ କରିବା ପୂର୍ବରୁ ତା'ର ନୈତିକତା ପ୍ରତି ସର୍ବପ୍ରଥମେ ଦୃଷ୍ଟି ଦେବା ବାଞ୍ଛନୀୟ । ନଚେତ୍ ଏହାର ବିପରୀତ ଫଳ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ।

ପତ୍ରପତ୍ରିକାରେ ମଧ୍ଯ ଏହିପରି ଅଶ୍ଳୀଳ ଓ ରୁଚିହୀନ ଫଟୋଚିତ୍ରକୁ ପ୍ରଚ୍ଛଦରେ ସ୍ଥାନିତ କରି ବ୍ୟବସାୟିକ ସଫଳତା ମିଳିପାରେ ମାତ୍ର ନୈତିକ ମୂଲ୍ୟବୋଧକୁ ହତ୍ୟାକରି ଏଥିରୁ ମଣିଷ ସମାଜର ଉନ୍ନତି ଆଶା କରିବା ବୃଥା । ବର୍ତ୍ତମାନ ସର୍ବତ୍ର ଏହିପରି ନୈତିକତା ବିହୀନ ବିଜ୍ଞାପନକୁ ଲକ୍ଷ୍ୟ କଲେ ସମାଜ ଯେ ଆଜି କେଉଁ ସ୍ତରରେ ପହଞ୍ଚିଛି ତାହା ହୃଦୟଙ୍ଗମ କରାଯାଇପାରେ । ସାଂପ୍ରତିକ ଅପରାଧମୂଳକ ଘଟଣା ପ୍ରାୟତଃ ନାରୀମାନଙ୍କୁ ନେଇ ସଂଘଟିତ ହେଉଛି ।

ବର୍ତ୍ତମାନ ପ୍ରତିଯୋଗିତାମୂଳକ ଦୌଡ଼ରେ ବିଭିନ୍ନ ବର୍ଗର ଓ ବିଭିନ୍ନ ବୟସର ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ନୃତ୍ୟ, ସଂଗୀତ, ଚିତ୍ରକଳା ପ୍ରଭୃତିରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତାକୁ ପ୍ରମାଣ କରିବାକୁ ଉଦ୍ୟମ କରୁଛନ୍ତି । ଯେଉଁଠିକି ପ୍ରତିଯୋଗୀଙ୍କ ପିତାମାତା ମଧ୍ଯ ନିର୍ନିମେଷ ନୟନରେ ଚାହିଁ ଉପଭୋଗ କରୁଥାଆନ୍ତି ତାଙ୍କ ସନ୍ତାନସନ୍ତତିଙ୍କ କଳାକୀର୍ତ୍ତିକୁ । ମାତ୍ର ଏଠାରେ ଉଲ୍ଲେଖ କରିବା କଥା ଯେ ଯେଉଁମାନେ ବିଚାରକ ମଞ୍ଚାସୀନ ଥାଆନ୍ତି, ସେମାନଙ୍କ ପୋଷାକ ପରିଚ୍ଛଦକୁ ଦେଖିଲେ ସମସ୍ତେ ଜାଣିପାରିବେ ବେକଠାରୁ ପାଦପର୍ଯ୍ୟନ୍ତ ସ୍ୱଳ୍ପ ବସ୍ତ୍ର ପରିଧାନ କରି ନିର୍ଲ୍ଲଜଭାବେ ବସିଥାଆନ୍ତି । ଏହା ସେହି ପ୍ରତିଯୋଗୀ ଏବଂ ସେମାନଙ୍କ ଅଭିଭାବକଙ୍କୁ କେତେ ମାତ୍ରାରେ ମାନସିକ ଯନ୍ତ୍ରଣା ଦେଉଥିବ, ତାହା ସେହିମାନେ ହିଁ କହିପାରିବେ । ସ୍ୱାଧୀନତାର ଅର୍ଥ ନୁହେଁ ଯେ ଯାହା ଇଚ୍ଛା ତାହା କରିଯିବା । ଏଥିପାଇଁ କିଛି ସାମାଜିକ ନିୟମ ଓ ନିଜର ବିବେକ ଅନୁମୋଦିତ କାର୍ଯ୍ୟ ସମ୍ପନ୍ନ କରିବା ବିଧେୟ । ସୁତରାଂ ଏ କ୍ଷେତ୍ରରେ ସମାଜର ସମ୍ମାନବୃଦ୍ଧି ପରିବର୍ତ୍ତେ ସମାଜର ଯେ ନୈତିକ ସ୍ଖଳନ ଘଟୁଛି ଏଥିପାଇଁ ଗଣମାଧ୍ୟମକୁ ଦାୟୀ କରାଯାଇପାରେ । କାରଣ ଯେଉଁମାନେ ଏହାକୁ ପ୍ରଯୋଜନା କରୁଛନ୍ତି, ସେମାନେ ନୈତିକ ମୂଲ୍ୟ ଆଧାରରେ ଏହାକୁ କରିବା ଉଚିତ ।

ବର୍ତ୍ତମାନ ଦୂରଦର୍ଶନରେ ପ୍ରସାରିତ ଅନେକ ଧାରାବାହିକରେ ନାରୀମାନଙ୍କୁ ଯେଉଁ ଚରିତ୍ରରେ ଜଣେ ସ୍ୱାର୍ଥପର, ଅହଙ୍କାରୀ, ଚରିତ୍ରହୀନ ଅସତ୍ ଉପାୟ ଅବଲମ୍ବନ, ଅଶାଳୀନ ପୋଷାକ ପରିଧାନ ଏବଂ ଅମାନବୀୟ ଆଚରଣ ପ୍ରଦର୍ଶନ କରାଯାଉଛି, ଏଥିରୁ ମନୁଷ୍ୟସମାଜ କ'ଣ ଶିକ୍ଷାଲାଭ କରୁଛି ? ତେଣୁ ଗଣମାଧ୍ୟମର ଏପରି ଭୂମିକା ରହିବା ବାଞ୍ଛନୀୟ ଯାହା କି ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଗଠନମୂଳକ ପ୍ରେରଣା ମଧ୍ୟ ରହିବା ଆବଶ୍ୟକ ।

ସମ୍ବାଦ ପରିବେଷଣରେ ବାସ୍ତବ ତଥ୍ୟକୁ ଉନ୍ମୋଚନ କରିବା ଗଣମାଧ୍ୟମର କର୍ତ୍ତବ୍ୟ । ମାତ୍ର କେତେକ କ୍ଷେତ୍ରରେ ଏହା ଉଲଙ୍ଘନ କରାଯାଉଛି । କାହାର ବ୍ୟକ୍ତିଗତ ଶତ୍ରୁତା ହେଉ ଅଥବା ରାଜନୈତିକ ଶତ୍ରୁତା କାରଣରୁ ଘଟୁଥିବା ହତ୍ୟା, ଚୋରି, ଅପହରଣ ଏବଂ  ଲୁଣ୍ଠନ କ୍ଷେତ୍ରରେ ପ୍ରକୃତ ଘଟଣାକୁ ଲୁଚାଇ ଏଭଳି ସମାଜ ପରିବେଷଣ କରାଯାଇଥିବ ଯେ ନିର୍ଦ୍ଦୋଷଟିଏ ଦୋଷୀଭାବେ ଏବଂ ଅପରାଧୀ ବା ହତ୍ୟାକାରୀଟିଏ ନିର୍ଦ୍ଦୋଷ ବ୍ୟକ୍ତି ଭଳି ରାଜରାସ୍ତାରେ ଛାତିଫୁଲାଇ ଚାଲୁଥିବ । ବର୍ତ୍ତମାନ ନୈତିକତା ଦୃଷ୍ଟିରୁ ଗଣମାଧ୍ୟମରେ ଏପରି ସମ୍ବାଦ ପରିବେଷଣ କରାଯାଇ ଯାହା କି ସମସ୍ତେ ଏହାର ସତ୍ୟତା ଉପଲବ୍ଧ କରିବାକୁ ଆଉ କୌଣସି ଦ୍ୱିଧା ପ୍ରକାଶ କରିବେ ନାହିଁ ।

ସମ୍ବାଦପତ୍ର ବା ପତ୍ରିକାରେ ବିଭ୍ରାନ୍ତମୂଳକ ତଥ୍ୟ ପରିବେଷଣ କରି ବ୍ୟବସାୟିକ ଲାଭ ମନୋବୃତ୍ତିକୁ ଗଣମାଧ୍ୟମ ପରିହାର କରିବା ଉଚିତ । ଯାହା ସମାଜ ପାଇଁ ମଙ୍ଗଳକାରୀ ସେହିପରି କାର୍ଯ୍ୟକରି ଗଣମାଧ୍ୟମର ବିଭିନ୍ନ ବିଭାଗ ସୁନାମ ଅର୍ଜନ କରନ୍ତୁ । ବ୍ୟକ୍ତି, ରାଜ୍ୟ ଏବଂ ଦେଶ ଉନ୍ନତିର ଚରମ ସୀମାରେ ଉପନୀତ ହୋଇ ପରମ ଆଦର୍ଶ ସୃଷ୍ଟି କରନ୍ତୁ, ଏହା ହିଁ ଗଣମାଧ୍ୟମ ପାଇଁ ଏକ ଯୁଗାନ୍ତକାରୀ ଆହ୍ୱାନ ହେବ । ଯାହାଫଳରେ ଗଣମାଧ୍ୟମର ନୈତିକ ମୂଲ୍ୟବୋଧର ବିକାଶ ଘଟିବ ।

ଚାଟରା (ନଡ଼ିଆ ବାଗ)
ଜଗତସିଂହପୁର-୭୫୪୧୦୩

❖ ❖ ❖